# ବିଜେଡି କୋର୍ କମିଟି ବୈଠକ


ଢେଙ୍କାନାଳ ପୌରାଞ୍ଚଳ ୧୫ନଂ ୱାର୍ଡରେ ବିଜେଡି କୋର୍ କମିଟି ବୈଠକରେ କର୍ମକର୍ତ୍ତାମାନେ।

ଢେଙ୍କାନାଳ,୨୨।୪(ରତନ ନାୟାର)

ଢେଙ୍କାନାଳ ପୌରାଞ୍ଚଳର ୧୫ନଂ. ୱାର୍ଡ ମୁକ୍ତାଦେଈପୁର ଶାସନଠାରେ ରବିବାର ସନ୍ଧ୍ୟାରେ ବିଜେଡି କୋର୍ ଓ ୱାର୍ଡ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ୱାର୍ଡ ପର୍ଯ୍ୟବେକ୍ଷକ ଆଇନଜୀବୀ ଦେବାଶିଷ ମିଶ୍ର ବୈଠକରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଜଗଦିଶ ସାମଲ, ସମ୍ମାନିତ ଅତିଥି ଭାବେ ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ଯୁବନେତା ବିନୋଦ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ନିର୍ବାଚନରେ ବିଜେଡି ଏମ୍‌ପି ପ୍ରାର୍ଥୀ ଡା. ଅବିନାଶ ସାମଲ ଓ ବିଧାନସଭା ପ୍ରାର୍ଥୀ ବିଧାୟକ ସୁଧୀର କୁମାର ସାମଲଙ୍କୁ ବିପୁଳ ଭୋଟ ପ୍ରଦାନ ପାଇଁ ସମସ୍ତଙ୍କୁ ନିବେଦନ କରିଥିଲେ। ୧୫ନଂ. ୱାର୍ଡରେ ସର୍ବାଧିକ ମତଦାନ ହେବା ଉପରେ ସମସ୍ତେ ନିଜର ମତ ରଖିଥିଲେ। ଅନ୍ୟତମ ପର୍ଯ୍ୟବେକ୍ଷକ ଭାବେ ଆଇନଜୀବୀ ଗୋପାଳଚନ୍ଦ୍ର ପାତ୍ର, ଶିବସାଇ ମହାପାତ୍ର, ମିହିର କୁମାର ରାଉତ, ସଦାନନ୍ଦ ସାହୁ, ରାଜ କୁମାର ପାଣ୍ଡେ ଘରକୁ ଘର ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଜଣାଇବା ପାଇଁ ଆହ୍ୱାନ ଦେଇଥିଲେ। ବୈଠକରେ କୋର୍ କମିଟି ଅଧ୍ୟକ୍ଷ ତ୍ରୈଲୋକ୍ୟ ମୋହନ ମିଶ୍ର, ଉପାଧ୍ୟକ୍ଷ ପୀତବାସ ସାହୁ, ଆବାହକ ବିମଳ କୁମାର ନାୟକ, ଉପଦେଷ୍ଟା ଦିଗମ୍ବର ରଥ, ଅଜୟ ଶଙ୍କର ମିଶ୍ର, ଅଭିଜିତ ମିଶ୍ର, ଦେବକାନ୍ତ ମିଶ୍ର, ଉମା ରଞ୍ଜନ ମିଶ୍ର, ଗୌରୀ ଶଙ୍କର ରଥ, ବିରବର ସାହୁ, ଓମ୍ ପ୍ରକାଶ ପାଣ୍ଡେ, ଲିପୁନ ପ୍ରଧାନ, ରାମଚନ୍ଦ୍ର ନାୟକ, ଦିପୁନ ପ୍ରଧାନ, ରଞ୍ଜନ କୁମାର ନାୟକ, ସଞ୍ଜୀବ ରଥ, ଭୁବନେଶ୍ୱର ମିଶ୍ର, ସୂର୍ଯ୍ୟ ନାରାୟଣ ଦାସ, ସୌମ୍ୟରଞ୍ଜନ ସାହୁ, ଦିଲୀପ ଖଟୁଆ, ଚନ୍ଦ୍ରଶେଖର ତ୍ରିପାଠୀ, ଶୁଭ୍ରାଂଶୁ ଦାସ, ଦେବେନ୍ଦ୍ର ନାୟକ ଓ ସୁବାସଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଭାତ ରଥ ଧନ୍ୟବାଦ ପ୍ରଦାନ କରିଥିଲେ।

## ବୃଦ୍ଧାଙ୍କ ମୃତଦେହ ଜବତ, ଅଂଶୁଘାତ ସନ୍ଦେହ

ଢେଙ୍କାନାଳ,୨୨।୪(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଲାଉଲଇ ବାଟଗଡ଼ା ରାସ୍ତା ନିକଟରେ ଥିବା କୁଆଁଗିଆ ନାଳ ପାଖରେ ସୋମବାର ଜଣେ ବୃଦ୍ଧାଙ୍କ ମୃତଦେହ ନିହଲପ୍ରସାଦ ପୋଲିସ ଜବତ କରିଥିଲା। ମୃତ ବୃଦ୍ଧାଙ୍କ ପରିଚୟ ବର୍ତ୍ତମାନ ସୁଦ୍ଧା ମିଳିନାହିଁ । ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁ ଅଂଶୁଘାତରେ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

## ସୁବାସିନୀ ନବରଙ୍ଗପୁର ଜିଲା କଂଗ୍ରେସ ପ୍ରଭାରୀ

ଢେଙ୍କାନାଳ,୨୨।୪(ରତନ ନାୟାର)

ଢେଙ୍କାନାଳର ବରିଷ୍ଠ କଂଗ୍ରେସ ନେତା ତଥା ପ୍ରଦେଶ ମହିଳା କଂଗ୍ରେସର କାର୍ଯ୍ୟକାରୀ ସଦସ୍ୟା ଆଇନଜୀବୀ ସୁବାସିନୀ ମହାକୁଡ ନବରଙ୍ଗପୁର ଜିଲାର ପ୍ରଭାରୀ ଭାବେ ନିଯୁକ୍ତି ପାଇଛନ୍ତି। ପ୍ରଦେଶ ମହିଳା କଂଗ୍ରେସର ସଭାପତି ମୀନାକ୍ଷୀ ବାହିନୀପତି ତାଙ୍କୁ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। ସେ ନବରଙ୍ଗପୁର ଜିଲା ଗସ୍ତକରି ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ ବୋଲି ସୁବାସିନୀ ସୂଚନା ଦେଇଛନ୍ତି।

# ଆସନ୍ତା ୨୯ରେ ଜାରିହେବ ବିଜ୍ଞପ୍ତି

ଢେଙ୍କାନାଳ,୨୨।୪(ରତନ ନାୟାର)

ଢେଙ୍କାନାଳ ଲୋକ ସଭା ଓ ଜିଲାର ୪ ବିଧାନସଭା ଆସନରେ ନିର୍ବାଚନ ପାଇଁ ଆସନ୍ତା ସୋମବାର ତଥା ୨୯ ତାରିଖରେ ବିଜ୍ଞପ୍ତି ଜାରି ହେବ। ଏହି ପରିପ୍ରେକ୍ଷୀରେ ପ୍ରାର୍ଥୀମାନେ ୨୯ ତାରିଖରୁ ଆସନ୍ତା ମେ ୬ ତାରିଖ ପର୍ଯ୍ୟନ୍ତ ନିଜର ନାମାଙ୍କନ ପତ୍ର ଦାଖଲ କରିପାରିବେ। ୭ ତାରିଖରେ ନାମାଙ୍କନ ପତ୍ର ଯାଞ୍ଚ ହେବ। ୯ ତାରିଖରେ ନାମାଙ୍କନ ପତ୍ର ପ୍ରତ୍ୟାହାର ହୋଇପାରିବ। ଉକ୍ତ ଦିବସର ଅପରାହ୍ନ ୫ଟା ପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ଏହାପରେ ଆସନ୍ତା ମେ ୨୫ ତାରିଖରେ ମତଦାନ କରାଯିବ। ସେହିପରି ଜୁନ୍ ୪ ତାରିଖରେ ଭୋଟ ଗଣତି କରାଯିବା ପରେ ୬ ତାରିଖ ସୁଦ୍ଧା ନିର୍ବାଚନର ସମସ୍ତ କାର୍ଯ୍ୟ ଶେଷ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବିଭିନ୍ନ ରାଜନୈତିକ ଦଳର ଆଶାୟୀ ପ୍ରାର୍ଥୀମାନେ ନାମାନଙ୍କପତ୍ର ଦାଖଲ ସମୟରେ ଲୋକ ସଭା ଆସନ ପାଇଁ ଫର୍ମ-୨(ଏ) ଏବଂ ବିଧାନସଭା ଆସନ ପାଇଁ ଫର୍ମ-୨(ବି)ରେ ଆବେଦନ କରିବେ। ସେହିପରି ସଂଶୋଧିତ ଫର୍ମ-୨୬ରେ ସତ୍ୟପାଠ କରିବେ। ଯଦି ପ୍ରାର୍ଥୀ ସମ୍ପୃକ୍ତ ଅଞ୍ଚଳର ହୋଇ ନ ଥିବେ ତେବେ ସେ ଇଲେକ୍ଟୋରାଲ ରୋଲ କିମ୍ବା ଏ ସମ୍ପର୍କିତ ପ୍ରମାଣପତ୍ର ଦେବେ। କୌଣସି ରାଜନୈତିକ ଦଳ ଦ୍ୱାରା ଘୋଷିତ ପ୍ରାର୍ଥୀ ଫର୍ମ-ଏ ଏବଂ ବି ଦେବେ। ଯାଞ୍ଚ ଆରମ୍ଭ ହେବା ପୂର୍ବରୁ ପ୍ରାର୍ଥୀମାନେ ଶପଥପାଠ ଦେବେ। ନାମାଙ୍କନ ପତ୍ର ଦାଖଲ କରିବାର ଅନ୍ୟୁନ ଦିନକ ପୂର୍ବରୁ ବ୍ୟାଙ୍କରେ ଖୋଲା ଯାଉଥିବା ଅଲଗା ଆକାଉଣ୍ଟ ଅନୁସୂଚିତ ଜାତି କିମ୍ବା ଜନଜାତି ବର୍ଗର ହୋଇଥିଲେ ଏ ସମ୍ପର୍କିତ ଜାତିଗତ ପ୍ରମାଣପତ୍ର, ଲୋକ ସଭା ଆସନ ପାଇଁ ୨୫ ହଜାର ଟଙ୍କା ଏବଂ ବିଧାନସଭା ଆସନ ପାଇଁ ୧୦ ହଜାର ଟଙ୍କା ସିକ୍ୟୁରିଟି ଜମା କରିବେ। ଅନୁସୂଚିତ ଜାତି ଓ ଜନଜାତି ପ୍ରାର୍ଥୀଙ୍କ ପାଇଁ ୫୦ ପ୍ରତିଶତ ରିହାତି ଦିଆଯାଇଛି। ଧଳା ବ୍ୟାକ୍‌ଗ୍ରାଉଣ୍ଡ ଥିବା ୫ଟି ଷ୍ଟାମ୍ପ ସାଇଜ୍ ଫଟୋ ଏବଂ ୫ଟି ପାସପୋର୍ଟ ସାଇଜ୍ ଫଟୋ, ଯାହାକି ୩ମାସ ମଧ୍ୟରେ ଉଠା ଯାଇଥିବ, ସମସ୍ତ ଫଟୋ ପଛପାଖରେ ଦସ୍ତଖତ କରି ଦାଖଲ କରିବେ। ପ୍ରାର୍ଥୀ ନିଜେ କିମ୍ବା ତାଙ୍କର ପ୍ରସ୍ତାବକ ଏହାକୁ ସତ୍ୟ ବୋଲି ଘୋଷଣା କରିବେ। କୌଣସି ସରକାରୀ ଗୃହ ଅଧିଗ୍ରହଣ କରିଥିଲ, କୌଣସି ବକେୟା ନ ଥିବା ପ୍ରମାଣପତ୍ର, ଜାତୀୟ ଓ ରାଜ୍ୟସ୍ତରୀୟ କୌଣସି ରାଜନୈତିକ ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯାଏ, ତେବେ ସମ୍ପୃକ୍ତ ନିର୍ବାଚନମଣ୍ଡଳୀର ଜଣେ ଭୋଟର ପ୍ରସ୍ତାବକ ରହିବେ। ସେହିପରି ପଞ୍ଜୀକୃତ ସ୍ୱାଧୀନ ପ୍ରାର୍ଥୀଙ୍କ ପ୍ରାର୍ଥିତ୍ୱ ପାଇଁ ୧୦ ଜଣ ଭୋଟର ପ୍ରସ୍ତାବକ ଥିବା ସମସ୍ତ କାଗଜାତ ଦାଖଲ କରିବେ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜଣାଇ ଦିଆଯାଇଛି।

# ଡାକ୍ତରଙ୍କୁ ମାଡ଼ ଘଟଣା, ଅଭିଯୁକ୍ତ ଗିରଫ

ଢେଙ୍କାନାଳ,୨୨।୪(ରତନ ନାୟାର)

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗତ ଗୁରୁବାର ପୂର୍ବାହ୍ନରେ ଜଣେ ରୋଗୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ପରେ ରୋଗୀଙ୍କ ସମ୍ପର୍କୀୟମାନେ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଏହି ଘଟଣାକୁ ନେଇ ଚିକିତ୍ସାଳୟ ପରିସରରେ କିଛି ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ଘଟଣାର ଅଭିଯୁକ୍ତ ତଥା ମୃତ ରୋଗୀ ସିମିଳିଆ ଅଞ୍ଚଳର ରାଧୁଚନ୍ଦ୍ର ବେହେରାଙ୍କ ପୁତ୍ର ରଶ୍ମି ରଞ୍ଜନ ବେହେରାଙ୍କୁ ସୋମବାର ଟାଉନ ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ସହରସ୍ଥିତ ସିମିଳିଆ ଅଞ୍ଚଳର ରାଧୁଚନ୍ଦ୍ର ବେହେରାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଡ୍ୟୁଟିରେ ଥିବା ଡାକ୍ତର ରାଜେଶ କୁମାର ସିଂହ ତାଙ୍କର ଚିକିତ୍ସା କରିଥିଲେ। ରାଧୁଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣା ନେଇ ରାଧୁଙ୍କ ପୁତ୍ର ହଠାତ୍ ଡାକ୍ତର ରାଜେଶ କୁମାର ସିଂହଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଏ ସଂକ୍ରାନ୍ତରେ ନଂ-୨୭୯/୨୪ର ଏକ ମାମଲା ରୁଜୁ ହୋଇଥିଲା। ଘଟଣାକୁ ନେଇ ଜିଲା ଓମ୍‌ସା ଶାଖା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ବିଶ୍ୱାଳଙ୍କ ସହିତ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନଙ୍କୁ ଭେଟି ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ଅଭିଯୋଗ ପ୍ରଦାନ କରିଥିଲେ।

# ପ୍ରାଚୀନ କୀର୍ତ୍ତି ଛଉନୃତ୍ୟ ପୁନରୁଦ୍ଧାର କରାଯାଉ

ଢେଙ୍କାନାଳ,୨୨।୪(ରତନ ନାୟାର)


ଓଡ଼ିଶାର ଛଉନୃତ୍ୟ (ଫାଇଲ ଫଟୋ)।

ପ୍ରାଚୀନ କାଳରେ ଢେଙ୍କାନାଳ ଜିଲାର ଛଉ ନୃତ୍ୟ ବେଶ୍ ପ୍ରସିଦ୍ଧିଲାଭ କରିଥିଲା। ସମ୍ବଲପୁର, ସୁନ୍ଦରଗଡ଼ର ଲୋକକଳା ନୃତ୍ୟ ସମେତ କଳାହାଣ୍ଡିର ଘୁମୁରା ନୃତ୍ୟ, ମୟୂରଭଞ୍ଜର ଛଉ ଓ କୋରାପୁଟର ଟାଙ୍ଗୁ ଭଳି ଢେଙ୍କାନାଳର ଛଉ ନୃତ୍ୟ ମଧ୍ୟ ବେଶ ପ୍ରସିଦ୍ଧିଲାଭ କରିଥିଲା। ଏହି ଛଉ ନୃତ୍ୟର ପୁନରୁଦ୍ଧାର ପାଇଁ ଅବସରପ୍ରାପ୍ତ ଓଡ଼ିଶା କଲ୍ୟାଣ ସେବା ଅଧିକାରୀ ଲଳିତ ପଟ୍ଟନାୟକ ଦାବି କରିଛନ୍ତି। ରବିବାର ଏକ ସାଂସ୍କୃତିକ ଅନୁଷ୍ଠାନର କାର୍ଯ୍ୟକ୍ରମରେ ଯୋଗଦେଇ ସେ ଏ ସମ୍ପର୍କରେ ଦୃଷ୍ଟିଆକର୍ଷଣ କରିଥିଲେ। ନୃତ୍ୟ, ସଙ୍ଗୀତ, ମଞ୍ଚ ଅଭିନୟ କେବଳ ଦର୍ଶକମାନଙ୍କ ମନୋରଞ୍ଜନ ପାଇଁ ନୁହେଁ, ଏହା ସମାଜରେ କ୍ରାନ୍ତି ଆଣିପାରେ ବୋଲି ସେ ମତବ୍ୟକ୍ତ କରିଥିଲେ। ଢେଙ୍କାନାଳ ଜିଲା ସଦର ବ୍ଲକର ଝୁମ୍ପୁଡ଼ିଆ ଏବଂ ଓଡ଼ାପଡ଼ା ବ୍ଲକର ଗୋବିନ୍ଦପ୍ରସାଦ ଗ୍ରାମର ପାଇକମାନେ ବର୍ଷତମାମ ଅଭ୍ୟାସ କରି ରାଜବାଟୀରେ ଚୈତ୍ର ମାସରେ ଛଉନୃତ୍ୟ ପରିବେଷଣ କରୁଥିଲେ। ସୂଚନା ମୁତାବକ, ଶେଷଥର ପାଇଁ ୧୯୮୦ ମସିହାରେ ଉକ୍ତ ଗ୍ରାମମାନଙ୍କରୁ ଏକ ଦଳ ଦିଲ୍ଲୀରେ ଛଉ ନୃତ୍ୟ ପରିବେଷଣ କରି ପ୍ରଶଂସିତ ହୋଇଥିଲା। ଢେଙ୍କାନାଳର ଏହି ହଜିଲା କୀର୍ତ୍ତିକୁ ପୁନରୁଦ୍ଧାର କରାଗଲେ କଳା ସଂସ୍କୃତିର ଏହି ମାଟି ରାଜ୍ୟ ଓ ଜାତୀୟସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟରେ ଆଉ ଏକ ପର୍ବ ଯୋଡ଼ିପାରନ୍ତା ବୋଲି ସେ ମତବ୍ୟକ୍ତ କରିଥିଲେ।

# ୧୪ ୟୁନିଟ୍ ରକ୍ତ ସଂଗ୍ରହ

ଢେଙ୍କାନାଳ,୨୨।୪(ରତନ ନାୟାର)

ଶିବଶକ୍ତି ମନ୍ଦିର ପୂଜକ ମହାସଂଘ ପକ୍ଷରୁ ଢେଙ୍କାନାଳ ରକ୍ତଭଣ୍ଡାର ପରିସରରେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଜିଲା ଓକିଲ ସଂଘର ପୂର୍ବତନ ସଭାପତି ଗୋପାଳଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ଭାବେ ସମାଜସେବୀ ଅମରେନ୍ଦ୍ର ସାମଲ ଓ ରେଡକ୍ରସ ଉପସଭାପତି ବିରଞ୍ଚି ନାରାୟଣ ପାଣି ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୧୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଶିବିରକୁ ମହାସଂଘର ରାଜ୍ୟ ସଭାପତି କାମାକ୍ଷାପ୍ରସାଦ ରଣା, କୋଷାଧ୍ୟକ୍ଷ ସମ୍ବିତ ମହାପାତ୍ର, ଜିଲା ସଭାପତି ସ୍ୱାଧୀନଚନ୍ଦ୍ର ମହାପାତ୍ର, ସଭ୍ୟ ସୌମ୍ୟରଞ୍ଜନ ଦାଶ ଓ ଗଣେଶ ପ୍ରସାଦ ମହାପାତ୍ର ପରିଚାଳନା କରିଥିଲେ।


ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

# ସଚେତନତା ବାର୍ତ୍ତା ବାଣ୍ଟୁଛି 'ସ୍ୱିପ' ରଥ

ଅନୁଗୋଳ,୨୨।୪(ଅମିତ ସାମଲ)

ସାଧାରଣ ନିର୍ବାଚନ ୨୦୨୪ରେ ଅନୁଗୋଳ ଜିଲାର ମତଦାନ ହାର (SVEEP-Systematic Voters Education and Electoral Participation) ଅନ୍ତର୍ଗତ ବିଭିନ୍ନ ଭୋଟର ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଜିଲାରେ ଥିବା ସମସ୍ତ ୫ଟି ନିର୍ବାଚନ ମଣ୍ଡଳୀର ଭୋଟରମାନଙ୍କୁ ଆସନ୍ତା ମେ ୨୫ ତାରିଖରେ ଭୋଟ ଦେବା ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରୋତ୍ସାହନ କରାଯାଉଛି। ସଚେତନତାର ବାର୍ତ୍ତା ନେଇ 'ସ୍ୱିପ' ରଥ ଜିଲାର ବିଭିନ୍ନ ଅଞ୍ଚଳ ପରିକ୍ରମା କରୁଛି। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଅନୁଗୋଳ ପୌରାଞ୍ଚଳରେ ଥିବା ବିଭିନ୍ନ ଦୋକାନ ବଜାରକୁ ଆସୁଥିବା ଗ୍ରାହକଙ୍କୁ ସଚେତନତାର ବାର୍ତ୍ତା ଥିବା ଷ୍ଟିକର ବଣ୍ଟାଯାଇ ସଚେତନ କରାଯାଉଛି। ସେହିପରି ସମସ୍ତ ସରକାରୀ ଯାନରେ ମଧ୍ୟ ଭୋଟର ସଚେତନତାର ବାର୍ତ୍ତା ଥିବା ଷ୍ଟିକର ଲଗାଯାଇଛି। ଜିଲାରେ ଥିବା ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କୁ ମତଦାନର ମହତ୍ତ୍ୱକୁ ନେଇ ସଚେତନତା ବାର୍ତ୍ତା ଦିଆଯାଉଛି। ଜିଲାର ବିଭିନ୍ନ ଥଇଥାନ ଅଞ୍ଚଳରେ ବାସ କରୁଥିବା ଭୋଟରଙ୍କୁ ପ୍ରଶାସନ ଦ୍ୱାରା ସ୍ୱତନ୍ତ୍ର ଭାବେ ସଚେତନ କରାଯାଉଛି। ସେହିପରି ମୁଖ୍ୟ ଓ ଜନଗହଳି ସ୍ଥାନଗୁଡ଼ିକରେ କଳାକାରମାନେ ଲୋକକଳା ମାଧ୍ୟମରେ ଭୋଟରମାନଙ୍କୁ ମତଦାନ କରିବା ପାଇଁ ସଚେତନ କରୁଛନ୍ତି। ବସ୍‌ଷ୍ଟାଣ୍ଡ, ରେଳ ଷ୍ଟେଶନ ଓ ମୁଖ୍ୟ ଜନଗହଳି ସ୍ଥାନରେ ସେଲଫି ପଏଣ୍ଟ ସ୍ଥାପନ ଓ ଦସ୍ତଖତ ଅଭିଯାନ ମଧ୍ୟ କରାଯାଉଛି। ମୁଖ୍ୟତଃ ଗ୍ରାମାଞ୍ଚଳରେ ବାସ କରୁଥିବା ମହିଳା ଭୋଟର ମାନଙ୍କୁ ସଚେତନ କରିବା ନିମନ୍ତେ ମିଶନ ଶକ୍ତି ମା'ମାନଙ୍କ ଜରିଆରେ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଗତ ନିର୍ବାଚନରେ ୮୦ ପ୍ରତିଶତରୁ କମ୍ ମତଦାନ ହୋଇଥିବା ଅଞ୍ଚଳରେ ଅଧିକ ସଚେତନତା କାର୍ଯ୍ୟକ୍ରମ ପ୍ରଶାସନ ତରଫରୁ କରାଯାଉଛି। ଏହି ସମସ୍ତ କାର୍ଯ୍ୟକ୍ରମ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ମହମ୍ମଦ ଅବଦଲ ଅଖତାରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଛି।

# ହିଙ୍ଗୁଳା ଯାତ୍ରା ପାଇଁ କଳସ ଶୋଭାଯାତ୍ରା



ଭୁବନ,୨୨।୪(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ହିଙ୍ଗୁଳା ପୀଠରେ ଚଳିତ ବର୍ଷ ଯାତ୍ରା ପାଇଁ ସୋମବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କଳସ ଯାତ୍ରା ଅପରାହ୍ନରେ ବାହାରି ସନ୍ଧ୍ୟାରେ ସମାପନ ହୋଇଥିଲା। ଗ୍ରାମର ଶତାଧିକ ମହିଳା ବ୍ରାହ୍ମଣୀ ନଦୀରୁ କଳସରେ ଜଳ ଆଣି ସହର ପରିକ୍ରମା କରିଥିଲେ। ବାଜା ଓ ସଂକୀର୍ତ୍ତନ ମଣ୍ଡଳୀ ସାମିଲ ହୋଇଥିଲେ। ସୋମବାର ଅଧିବାସ ଓ ମଙ୍ଗଳବାର ଝାମୁଯାତ୍ରା ସହିତ ମହାଯଜ୍ଞ କରାଯିବ। ଚଳିତ ବର୍ଷ ଭୁବନ ଅଞ୍ଚଳର କଳାକାରଙ୍କୁ ନେଇ ୨ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ପାଇଁ ସ୍ଥିର ହୋଇଛି। ଏହି ବାର୍ଷିକ ହିଙ୍ଗୁଳାଯାତ୍ରା ପରିଚାଳନା କମିଟି ସଭାପତି ଶଶିଭୂଷଣ ସାହୁ, ସମ୍ପାଦକ କୁଞ୍ଜବିହାରୀ ଚିନରା, କୋଷାଧ୍ୟକ୍ଷ ନରୋତ୍ତମ ସାହୁ ଓ ଉପଦେଷ୍ଟା ମଣ୍ଡଳୀ ଗଣେଶ୍ୱର ନାୟକ, ଶୁଭେନ୍ଦୁ ସାହୁ, ଖଗେଶ୍ୱର ନାୟକ, ସତ୍ୟାନନ୍ଦ ସାହୁ, ନିରଞ୍ଜନ ଗୁରୁ ଓ ଧନେଶ୍ୱର ସାହୁ ପରିଚାଳନା କରୁଛନ୍ତି।

# ଘର ହିଁ ବିଦ୍ୟାଳୟ ପ୍ରକଳ୍ପ

ଢେଙ୍କାନାଳ,୨୨।୪(ରତନ ନାୟାର)

ଢେଙ୍କାନାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର ସକାଳ ୯ଟାରେ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮୨ଜଣ ଅଭିଭାବକ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ନଗେନ କୁମାର ଦାସ ପ୍ରକଳ୍ପର ଆଭିମୁଖ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ସଙ୍କୁଳ ପ୍ରମୁଖ ବିଶ୍ୱନାଥ ବେହେରା ଯୋଗଦେଇ କାର୍ଯ୍ୟକ୍ରମ ଉପରେ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ପ୍ରଚାରକ ବାସୁଦେବ ସାହୁ କାର୍ଯ୍ୟକ୍ରମର ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ବିଦ୍ୟାଳୟ ସମ୍ପାଦକ ଗଗନ ବିହାରୀ ନାୟକ ଶିଶୁଙ୍କ ସାମଗ୍ରିକ ବିକାଶ ଉପରେ ଆଲୋକପାତ କରିଥିଲେ। ଶିଶୁମାନଙ୍କ ନିମନ୍ତେ ଆୟୋଜିତ ପ୍ରଦର୍ଶନୀକୁ ଶିଶୁଙ୍କ ଅଭିଭାବକମାନେ ବୁଲି ଦେଖିଥିଲେ। ବିଦ୍ୟାଳୟ ଦାୟିତ୍ୱରେ ଥିବା ଗୁରୁମା ଗୁରୁଜୀମାନେ ଶୃଙ୍ଖଳିତ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ଦାୟିତ୍ୱରେ ଥିବା ଅରୁନ୍ଧତି ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।


ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ।

# ଦଳକୁ ବିଜୟୀ କରିବାକୁ ପରାମର୍ଶ

ଛେଣ୍ଡିପଦା,୨୨।୪(ଅଜିତ ଧଳ)

ଛେଣ୍ଡିପଦା ଓ ଜରପଡା ଭାଜପା କାର୍ଯ୍ୟାଳୟଠାରେ ସୋମବାର ଭାଜପା ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ପରା, ନିଶା, ବାଲିପା ପଞ୍ଚାୟତର ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ଭାଜପାରେ ସାମିଲ ହୋଇଥିଲେ। କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଲୋକ ସଭା ଭାଜପା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ତାଳଚେରର ମା' ହିଙ୍ଗୁଳାଙ୍କୁ ଦର୍ଶନ କରି ସମ୍ବଲପୁର ଅଭିମୁଖେ ଫେରୁଥିବାବେଳେ ଜରପଡା ଭାଜପା କାର୍ଯ୍ୟାଳୟଠାରେ ଅଟକି ଏହି ମିଶ୍ରଣ ପର୍ବରେ ସାମିଲ ହୋଇଥିଲେ। ତୃଣମୂଳସ୍ତରରୁ ସଙ୍ଗଠନକୁ ମଜଭୁତ କରି ୨୦୨୪ ନିର୍ବାଚନରେ କିପରି ଦଳ ବିଜୟ ଲାଭ କରିବ ସେ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ଭାଜପା ପ୍ରଭାରୀ ଦିଲୀପ ପ୍ରଧାନ, ଜରପଡା ଜୋନର ନେତା ଅଜିତ ପ୍ରଧାନ, ଜରପଡା ମଣ୍ଡଳ ସଭାପତି ଚିତ୍ରସେନ ସାହୁ, କୋଶଳା ମଣ୍ଡଳ ସଭାପତି ଧୋବେଇ ସାହୁ, ପରା ପଞ୍ଚାୟତ ସଭାପତି ଜିତେନ୍ଦ୍ର ପ୍ରଧାନ, ସୁଜିତ ସାହୁ, ଟଙ୍କଧର ସାହୁ, କହ୍ନେଇ ସାହୁ, ବିକ୍ରମ ସାହୁ, ତ୍ରିନାଥ ଗୋଛାୟତ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଗତ ରବିବାର ଛେଣ୍ଡିପଦା ଭାଜପା କାର୍ଯ୍ୟାଳୟଠାରେ ପାତ୍ରପଡା, ଟାଙ୍ଗିରୀ, କମ୍ପସଲା ଓ ଓଗି ପଞ୍ଚାୟତର ବିଭିନ୍ନ ଦଳର କର୍ମୀ ଅଗସ୍ତି ବେହେରାଙ୍କ ଉପସ୍ଥିତିରେ ଭାଜପାରେ ସାମିଲ ହୋଇଥିଲେ।



# ଭାଜପାର କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ



କାମାକ୍ଷାନଗର,୨୨।୪(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକ କେରଜୁଳି ଗ୍ରାମଠାରେ ସୋମବାର ଭାଜପାର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। କେରଜୁଳି ପଞ୍ଚାୟତ ସଭାପତି ଅଚ୍ୟୁତାନନ୍ଦ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ପରଜଙ୍ଗ ନିର୍ବାଚନ ମଣ୍ଡଳୀ ଭାଜପା ବିଧାୟକ ପ୍ରାର୍ଥୀ ବିଭୂତି ଭୂଷଣ ପ୍ରଧାନ ଯୋଗଦେଇ ଦଳୀୟ କର୍ମକର୍ତ୍ତାଙ୍କୁ ଆଗାମୀ ସାଧାରଣ ନିର୍ବାଚନରେ ଦଳୀୟ ବିଧାୟକ ପ୍ରାର୍ଥୀ ଓ ଏମ୍‌ପି ପ୍ରାର୍ଥୀ କିପରି ବିଜୟୀ ହେବେ ସେ ନେଇ ଗୁରୁମନ୍ତ୍ର ଦେଇଥିଲେ। ଏହି ଅବସରରେ ବିଭିନ୍ନ ଗ୍ରାମରୁ ୪୦୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡି ଓ କଂଗ୍ରେସ ଦଳ ଛାଡି ଭାଜପାରେ ସାମିଲ ହୋଇଥିଲେ। ନୂତନ କର୍ମୀମାନଙ୍କୁ ଦଳ ପକ୍ଷରୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାସବିହାରୀ ବେହେରା, କାର୍ତ୍ତିକ ସାହୁ, ସନ୍ତୋଷ ସାହୁ, କଙ୍କଡାହାଡ଼ ମଣ୍ଡଳ ସଭାପତି ନାଉରି ସିଂହ, ମଣ୍ଡଳ ପ୍ରଭାରୀ ଜଗନ୍ନାଥ ଗଡ଼ନାୟକ, ଜିଲା ଯୁବ ସମ୍ପାଦକ ଦେବାଶିଷ ପଣ୍ଡା, ପୂର୍ବତନ ସରପଞ୍ଚ ହୃଦାନନ୍ଦ ବେହେରା, ଭରତ ଚନ୍ଦ୍ର ସାହୁ, ଯୁବନେତା ରାଜେଶ ଦେହୁରୀ, ଆଲୋକ ପଣ୍ଡା, ଅରୁଣ ପାତ୍ର, ରମେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

